# ଭବାନୀମନ୍ଦିର

ଓଁ
ନମଃ ଚଣ୍ଡିକାୟୈ

ମା ଭବାନୀଙ୍କ ନିମିତ୍ତ ପର୍ବତମାଳା ମଧ୍ୟରେ ଏକ ମନ୍ଦିର ନିର୍ମାଣ ଓ ଉତ୍ସର୍ଗ କରିବାକୁ ହେବ । ମା'ଙ୍କର ସକଳ ସନ୍ତାନଙ୍କୁ ଏହି ପୁଣ୍ୟ କାର୍ଯ୍ୟରେ ସହାୟତା ନିମିତ୍ତ ଆହ୍ୱାନ କରାହେଉଛି ।

## ଭବାନୀ କିଏ ?

ମା ଭବାନୀ କିଏ ? କାହିଁକି ବା ଆମ୍ଭେମାନେ ତାଙ୍କ ନିମିତ୍ତ ମନ୍ଦିର ନିର୍ମାଣ କରିବା ?

## ଭବାନୀ ଅସୀମା ଶକ୍ତି

ବିଶ୍ୱର ଅନ୍ତଃହୀନ ଆବର୍ତ୍ତନ ମଧ୍ୟରେ ଯେତେବେଳେ ଶାଶ୍ୱତଙ୍କ ଚକ୍ର ସ୍ୱୀୟ ପଥରେ ମହାବଳରେ ଘୂରିଚାଲେ, ଶାଶ୍ୱତଙ୍କ ମଧ୍ୟରୁ ସେହି ଅସୀମା ମହାଶକ୍ତି ଉତ୍ସାରିତ ହୋଇ ଚକ୍ରକୁ ପରିଚାଳିତ କରନ୍ତି; ମନୁଷ୍ୟର ଦୃଷ୍ଟିପଥରେ ତାହା ନାନା ରୂପରେ ନାନା ଆକୃତିରେ ଆବିର୍ଭୂତ ହୁଏ । ଗୋଟିଏ ଗୋଟିଏ ରୂପ ଗୋଟିଏ ଗୋଟିଏ ଯୁଗ ସୃଷ୍ଟି କରେ ବା ଚିହ୍ନିତ କରେ । କେତେବେଳେ ସେ ପ୍ରେମ, କେତେବେଳେ ସେ ଜ୍ଞାନ, କେବେ ବା ସେ ବୈରାଗ୍ୟ, କେବେ ବା କରୁଣା । ଏହି ଅନନ୍ତ ମହାଶକ୍ତିହିଁ ଭବାନୀ,



ସେହିଁ ଦୁର୍ଗା, ସେହିଁ କାଳୀ, ସେହିଁ ପ୍ରେମମୟୀ ରାଧା, ସେହିଁ ଲକ୍ଷ୍ମୀ, ସେହିଁ ଆମ୍ଭମାନଙ୍କର ମା' ଓ ସବୁକିଛିର ସୃଷ୍ଟିକର୍ତ୍ତ୍ରୀ ।

## ଭବାନୀ ଶକ୍ତି

ଆଧୁନିକ ଯୁଗରେ ସେ ଶକ୍ତିରୂପିଣୀ ଜନନୀରୂପେ ଆବିର୍ଭୂତା ହୋଇଛନ୍ତି । ସେହିଁ ବିଶୁଦ୍ଧା ଶକ୍ତି ।

## ଶକ୍ତିରୂପିଣୀ ଜନନୀଙ୍କର ବିଶ୍ୱବ୍ୟାପୀ ପ୍ରକାଶ

ଚାଲ, ଚକ୍ଷୁ ଉତ୍ତୋଳନ କରି ଆମ୍ଭମାନଙ୍କ ବିଶ୍ୱର ଚତୁଃପାର୍ଶ୍ୱରେ ଦୃଷ୍ଟିପାତ କରିବା । ଯେଉଁଠାରେ ଦୃଷ୍ଟିପାତ କରିବା ସେଠାରେ ଉତ୍‌ଥିତ ହେଉଥିବାର ଦେଖିବା ବିପୁଳାୟତନ ଶକ୍ତି, ପ୍ରଚଣ୍ଡ ଖରଗତି, ଦୁର୍ନିବାର ଶକ୍ତିରାଜି, ସାମର୍ଥ୍ୟର ନାନା ବିଶାଳ ମୂର୍ତ୍ତି, ଶକ୍ତିର ଭୟଙ୍କର ସର୍ବଗ୍ରାସୀ ସକଳ ସ୍ରୋତ-ପ୍ରବାହ । ସକଳ ବସ୍ତୁ ବିଶାଳ ଓ ବୀର୍ଯ୍ୟବାନ ହୋଇଉଠିଛି । ରଣ-ଶକ୍ତି, ଧନ-ଶକ୍ତି, ବିଜ୍ଞାନ-ଶକ୍ତି ଦଶଗୁଣ ଦୁର୍ଦ୍ଧର୍ଷ ଓ ଅତିକାୟ, ସହସ୍ରଗୁଣ ରୁଦ୍ରତର, ଦ୍ରୁତତର, କର୍ମବ୍ୟାପୃତ,— ଅତୀତର ଇତିହାସରେ ଉଲ୍ଲିଖିତ ସକଳଙ୍କଠାରୁ ବେଶୀ ଅଜସ୍ର ସମ୍ବଳ, ଅସ୍ତ୍ରଶସ୍ତ୍ର ଓ ଯନ୍ତ୍ରରେ ସମୃଦ୍ଧ । ମା' ସର୍ବତ୍ରହିଁ କର୍ମରେ ବ୍ୟାପୃତ, ତାଙ୍କର ରୂପଦାତ୍ରୀ ଅଜେୟ ହସ୍ତ ମଧ୍ୟରୁ ସୃଷ୍ଟ ଅତି ବିଶାଳକାୟ ରାକ୍ଷସ, ଅସୁର, ଦେବତାଗଣ ବିଶ୍ୱର ରଣାଙ୍ଗନରେ ସବେଗରେ ଅବତୀର୍ଣ୍ଣ ହେଉଛନ୍ତି । ପାଶ୍ଚାତ୍ୟର ବିଶାଳ ସାମ୍ରାଜ୍ୟଗୁଡ଼ିକର ଧୀର ଅଥଚ ବଳଦୃପ୍ତ ଉତ୍‌ଥାନ ଦେଖିଛୁ, ଜାପାନର ଦ୍ରୁତ ଅଦମ୍ୟ ଅଧୀର ଗତିଶୀଳ ନବଜୀବନ ଲାଭ କରିଥିବା ମଧ୍ୟ ଦେଖିଛୁ । କେତେକ ହେଉଛି ମ୍ଳେଚ୍ଛଶକ୍ତି— ଅଶୁଦ୍ଧ ତମଃଶକ୍ତି ଅଥବା ରଜଃଭାବରେ ଆଚ୍ଛନ୍ନ କୃଷ୍ଣ ଅଥବା

ଘୋର ରକ୍ତବର୍ଣ୍ଣ ଶକ୍ତି, ଆଉ କେତେକ ଆର୍ଯ୍ୟଶକ୍ତି– ବୈରାଗ୍ୟ ଓ ପୂର୍ଣ୍ଣ ଆତ୍ମାହୁତିର ପବିତ୍ର ଶିଖାରେ ଧୌତ : କିନ୍ତୁ ଏ ସବୁକିଛିହିଁ ନୂତନରୂପେ ମା'– ନବରୂପଦାୟିନୀ ମା', ସୃଷ୍ଟିକାରିଣୀ ମା' । ପୁରାତନ ମଧ୍ୟରେ ସେ ତାଙ୍କ ଶକ୍ତି ଢାଳି ଦେଉଛନ୍ତି, ନୂତନକୁ ମନ୍ଥନ କରି ଜାଗରଣ ଆଣି ଦେଉଛନ୍ତି ।

## ଭାରତରେ ଆମ୍ଭେମାନେ ଶକ୍ତି ଅଭାବରେ ସବୁଥିରେ ବିଫଳ

ଭାରତବର୍ଷରେ ଶ୍ୱାସବାୟୁ ମନ୍ଥର ଗତିରେ ପ୍ରବାହିତ ହେଉଛି, ଅନୁପ୍ରେରଣାର ଗତି ମଧ୍ୟ ବିଳମ୍ବିତ । ଆମ୍ଭମାନଙ୍କର ପ୍ରାଚୀନ ଜନନୀ ଭାରତୀ ବାସ୍ତବରେ ପୁନର୍ଜନ୍ମ ଲାଭ କରିବାକୁ ଚାହୁଁଛି, ଅଶ୍ରୁ ଓ ଦୁଃଖ-ଯନ୍ତ୍ରଣା ମଧ୍ୟରେ ରହିଛି ତା'ର ଏହି ଆକାଙ୍କ୍ଷା, କିନ୍ତୁ ଏହା ତା'ର ବୃଥା ପ୍ରୟାସ । ଯେ ବାସ୍ତବରେ ଅତି ବିରାଟ, ଯେ ହୋଇପାରନ୍ତି ପରମଶକ୍ତିଶାଳିନୀ, ତାଙ୍କର ଦୁଃଖର କାରଣ କ'ଣ ? ନିଶ୍ଚୟ କୌଣସି ମାରାତ୍ମକ ତ୍ରୁଟି ରହିଛି, ହୁଏତ ଆମ୍ଭମାନଙ୍କ ମଧ୍ୟରେ କୌଣସି ପ୍ରାଣଶକ୍ତିର ଅଭାବ ରହିଛି, ଆଉ ସେହି ତ୍ରୁଟିକୁ ନିର୍ଦ୍ଦେଶ କରିବା ବିଶେଷ କଷ୍ଟକର ନୁହେଁ । ଆମ୍ଭମାନଙ୍କର ଅନ୍ୟ ସବୁ ବସ୍ତୁ ରହିଛି, ମାତ୍ର ଏକାନ୍ତ ଅଭାବ ରହିଛି ଶକ୍ତି ଓ ସାମର୍ଥ୍ୟର । ଆମ୍ଭେମାନେ ଶକ୍ତିକୁ ତ୍ୟାଗ କରିଛୁ, ତେଣୁ ଶକ୍ତି ଦ୍ୱାରାହିଁ ଆମ୍ଭେମାନେ ପରିତ୍ୟକ୍ତ । ଆମ୍ଭମାନଙ୍କ ହୃଦୟରେ, ମସ୍ତିଷ୍କରେ ବା ବାହୁରେ– କୌଣସିଠାରେ ହେଲେ ମା' ବିଦ୍ୟମାନ ନାହାନ୍ତି ।

ପୁନର୍ଜନ୍ମ ଲାଭ ନିମିତ୍ତ ଆମ୍ଭମାନଙ୍କର ବିରାଟ ବାସନା ରହିଛି, ଏଥିରେ କୌଣସି ଅଭାବ ନାହିଁ । ଧର୍ମ, ସମାଜ ଓ ରାଜନୀତିକ୍ଷେତ୍ରରେ କେତେ ଚେଷ୍ଟା, କେତେ ଆନ୍ଦୋଳନର ସୂତ୍ରପାତ ନ ହୋଇଛି ! କିନ୍ତୁ ଏହି



ଏକଇ ଦୁର୍ଭାଗ୍ୟ ସବୁକିଛିକୁ ପରାଭୂତ କରିଛି ବା କରିବାକୁ ଉଦ୍ୟମରତ । ସେମାନେ ମୁହୂର୍ତ୍ତକ ନିମିତ୍ତ ସତେଜ ହୋଇଉଠନ୍ତି, ତା'ପରେ ନାଡ଼ି ଦୁର୍ବଳ ହୋଇଯାଏ, ଅଗ୍ନି ନିର୍ବାପିତ ହୁଏ, ଆଉ ଯଦିଓ ସେମାନେ ବଞ୍ଚି ରହନ୍ତି, ତାହା କେବଳ ଫମ୍ପା ଖୋଳପରି, ଯାହା ମଧ୍ୟରୁ ବ୍ରହ୍ମ ଯେପରି ଚାଲିଯାଇଛି କିଂବା ଯାହା ତମଃଶକ୍ତିର ପ୍ରଭାବରେ ପୀଡ଼ିତ ଏବଂ ନିଷ୍କ୍ରିୟ । ଆମ୍ଭମାନଙ୍କର ପ୍ରାରମ୍ଭ ଅତି ଶକ୍ତିଶାଳୀ, କିନ୍ତୁ ନାହିଁ ତହିଁରେ ପରିଣାମଧାରା କିଂବା ଶେଷ ଫଳ ।

ବର୍ତ୍ତମାନ ଆମ୍ଭମାନଙ୍କର ଏହି ଜାଗରଣ ଅନ୍ୟ ଏକ ଦିଗରୁ ଆରମ୍ଭ ହୋଇଛି, ଆମ୍ଭେମାନେ ଏପରି ଏକ ଯନ୍ତ୍ରଶିଳ୍ପି, ଏକ ବିରାଟ ଆନ୍ଦୋଳନ ଆରମ୍ଭ କରିଛୁ, ଯାହା ଏକ ଦରିଦ୍ର ଦେଶକୁ ସମୃଦ୍ଧ ଓ ପୁନର୍ଜାଗ୍ରତ କରିବ । ଆମ୍ଭେମାନେ ଅନଭିଜ୍ଞ, ତେଣୁ ବୁଝିପାରୁ ନାହୁଁ ଯେ ଯଦି ପ୍ରଥମେ ଅତ୍ୟାବଶ୍ୟକ ଜିନିଷଟିର ଅନୁସନ୍ଧାନ ନ କରୁ, ଶକ୍ତି ସଞ୍ଚୟ ନ କରୁ ତେବେ ଏହି ଆନ୍ଦୋଳନ ମଧ୍ୟ ଅନ୍ୟ ସମସ୍ତ ଆନ୍ଦୋଳନ ତୁଲ୍ୟ ସମଦଶାପନ୍ନ ହେବ ।

## ଶକ୍ତି ଅଭାବରୁ ଆମ୍ଭମାନଙ୍କ ଜ୍ଞାନ ମୃତବସ୍ତୁ ତୁଲ୍ୟ

ଆମ୍ଭମାନଙ୍କର ଯେଉଁ ଅଭାବ ରହିଛି, ତାହା କ'ଣ ଜ୍ଞାନର ଅଭାବ ? ଆମ୍ଭେ ଭାରତୀୟମାନେ ଏପରି ଏକ ଦେଶରେ ଜନ୍ମିତ ଓ ପାଳିତ, ଯେଉଁ ଦେଶରେ ମନୁଷ୍ୟର ଆବିର୍ଭାବଠାରୁ ଜ୍ଞାନ ସଞ୍ଚିତ ଓ ବର୍ଦ୍ଧିତ ହୋଇଛି ଏବଂ ଆମ୍ଭେମାନେ ତାକୁ ବହୁ ସହସ୍ର ବର୍ଷ ହେଲା ନିଜ ମଧ୍ୟରେ ବହନ କରି ଆସିଛୁ ଓ ତାହାର ଉତ୍ତରାଧିକାରୀ ହୋଇଆସିଛୁ । ବର୍ତ୍ତମାନ ମଧ୍ୟ ଆମ୍ଭମାନଙ୍କ ମଧ୍ୟରେ ମହାଜ୍ଞାନୀମାନେ ଜନ୍ମଗ୍ରହଣ କରି ସେହି ଜ୍ଞାନସମ୍ପଦକୁ ବୃଦ୍ଧି କରିଛନ୍ତି । ଆମ୍ଭମାନଙ୍କର ସାମର୍ଥ୍ୟ ସଙ୍କୁଚିତ ହୋଇଯାଇ ନାହିଁ, ଆମ୍ଭମାନଙ୍କ ବୁଦ୍ଧିର ଧାର ନିଷ୍ପ୍ରଭ ବା ସ୍ଥୂଳ ହୋଇ ନାହିଁ, ଏହାର

ଗ୍ରହଣଶୀଳତା ଓ ନମନୀୟତା ପୂର୍ବବତ୍ ପରିପୂର୍ଣ୍ଣ ରହିଛି । କିନ୍ତୁ ଏହା ଏକ ମୃତଜ୍ଞାନ, ଯାହା ଆମ୍ଭମାନଙ୍କର ପାଦର ଆଶ୍ରୟଦଣ୍ଡ କିଂବା ତାହାର ଏକ ଅସ୍ତ୍ର ନ ହୋଇ, ହୋଇଉଠିଛି ସ୍କନ୍ଧ ଉପରେ ଏକ ଦୁର୍ଭାର, ଯାହାର ତଳେ ଆମ୍ଭେମାନେ ନତମସ୍ତକ ଏବଂ ଯାହା ଏକ ଅନ୍ତଃକ୍ଷୟକାରୀ ବିଷ; କାରଣ ସମସ୍ତ ମହତ୍ ବସ୍ତୁର ପ୍ରକୃତି ଏହି ଯେ ତାକୁ ବ୍ୟବହାର ନ କଲେ କିଂବା ତା'ର ଅପବ୍ୟବହାର କଲେ ତାହା ଅଧିକାରୀର ଉପରକୁ ନିକ୍ଷିପ୍ତ ହୋଇ ଧ୍ୱଂସ କରେ ।

ବର୍ତ୍ତମାନ ଦେଖାଯାଉଛି, ଆମ୍ଭମାନଙ୍କର ଜ୍ଞାନ ବିଶେଷ ତମୋଭାବରେ ପୀଡ଼ିତ ହୋଇ ଅସାମର୍ଥ୍ୟ ଓ ଆଳସ୍ୟର ଅଭିଶାପଗ୍ରସ୍ତ ହୋଇପଡ଼ିଛି । ବର୍ତ୍ତମାନ ସ୍ୱପ୍ନ ଦେଖୁଛି ଯେ ଯଦି ଆମ୍ଭେମାନେ ବିଜ୍ଞାନକୁ ଆୟତ୍ତ କରିପାରୁ ତେବେ ଆମ୍ଭମାନଙ୍କର ସମସ୍ତ ସିଦ୍ଧି ହାସଲ ହୋଇପାରିବ । ପ୍ରଥମେ ନିଜକୁ ପ୍ରଶ୍ନ କରାଯାଉ ଯେ ଆମ୍ଭେମାନେ ଇତିମଧ୍ୟରେ ଯେଉଁ ଜ୍ଞାନ ପାଇଛୁ ତଦ୍ୱାରା କ'ଣ କରିଛୁ କିଂବା ଯେଉଁମାନେ ବିଜ୍ଞାନକୁ ଆୟତ୍ତ କରିପାରିଛନ୍ତି ସେମାନେ ଭାରତବର୍ଷ ନିମିତ୍ତ କ'ଣ କରିପାରିଛନ୍ତି ? ଆମ୍ଭେମାନେ ଉଦ୍ୟୋଗବିହୀନ ଓ ଅନୁକରଣପ୍ରିୟ ହୋଇ ଇଂଲଣ୍ଡର ଗତିଧାରା ଅନୁକରଣ କରିବାକୁ ଚେଷ୍ଟା କଲୁ, କିନ୍ତୁ ଶକ୍ତି ପାଇଲୁ ନାହିଁ, ବର୍ତ୍ତମାନ ଅଧିକ ଉଦ୍ୟମଶୀଳ ଜାପାନର ଅନୁକରଣ କରିବାକୁ ଚହୁଁ, ତେବେ ବି ଅଧିକତର ସଫଳତା ଲାଭର ଆଶା ଅଛି କି ? ଇଉରୋପୀୟ ବିଜ୍ଞାନ ଯେଉଁ ଜ୍ଞାନର ଭୀଷଣ ଶକ୍ତି, ତାହା ରାକ୍ଷସ ହାତରେ ଅସ୍ତ୍ର ଅଥବା ଭୀମସେନଙ୍କ ଅସ୍ତ୍ରସ୍ୱରୂପ; ଯେ ଦୁର୍ବଳ ସେ ତାକୁ ଘୂରାଇବାକୁ ଚେଷ୍ଟା କଲେ ତାହାର ଗୁରୁଭାରରେ ନିଜେ ପିଷ୍ଟ ହେବା ଛଡ଼ା ଆଉ କ'ଣ ହୋଇପାରେ ?



## ଶକ୍ତି ଅଭାବରେ ଆମ୍ଭମାନଙ୍କର ଭକ୍ତି ନିର୍ଜୀବ ଓ ନିଷ୍କ୍ରିୟ

ଆମ୍ଭମାନଙ୍କର ଯେଉଁ ଅଭାବ ଅଛି, ତାହା କ'ଣ ପ୍ରେମ, ଉତ୍ସାହ ଓ ଭକ୍ତିର ଅଭାବ ? ଏସବୁ ଭାରତୀୟ ପ୍ରକୃତିର ମଜ୍ଜାଗତ, କିନ୍ତୁ ଶକ୍ତିର ଅଭାବରେ ଆମ୍ଭେମାନେ ବର୍ତ୍ତମାନ ମନ ନିୟୋଗ କରିପାରୁ ନାହୁଁ, ତାହାକୁ ନିୟନ୍ତ୍ରଣ ଓ ସଂରକ୍ଷଣ କରିବାକୁ ମଧ୍ୟ ଆମ୍ଭେମାନେ ଅକ୍ଷମ । ଭକ୍ତି ହେଲା ଲେଲିହାନ ଶିଖା, ଶକ୍ତି ହେଲା ସମିଧ । ଅଗ୍ନିରେ ସମିଧ ସଂଯୋଗ ନ କଲେ ତାହା କେତେ ସମୟ ଜଳିପାରିବ ?

ଯେତେବେଳେ ଏକ ଦୃଢ଼ ସତ୍ତା, ଜ୍ଞାନରେ ଉଦ୍ଭାସିତ ହୋଇ, ସୁନିୟନ୍ତ୍ରିତ ଓ ବିପୁଳ ଶକ୍ତିସାଧିତ କର୍ମ ଦ୍ୱାରା ନିଜକୁ ପ୍ରେମ ଓ ଶ୍ରଦ୍ଧାପୂର୍ଣ୍ଣ ଭାବରେ ଭଗବାନଙ୍କ ଆଡ଼କୁ ତୋଳିଧରେ– ତାହାହିଁ ଭକ୍ତି, ସେହି ଭକ୍ତି ସ୍ଥାୟୀ ହୁଏ ଓ ଆତ୍ମାକୁ ଚିରକାଳ ନିମିତ୍ତ ଭଗବାନଙ୍କ ସହିତ ଯୁକ୍ତକରି ରଖେ । କିନ୍ତୁ ଦୁର୍ବଳ ପ୍ରକୃତି ଆଦର୍ଶ ଭକ୍ତି ପରି ଏଭଳି ଶକ୍ତିଶାଳୀ ବସ୍ତୁର ବେଗ ଧାରଣ କରିବାକୁ ଅକ୍ଷମ ହୁଏ; ସେ ମୁହୂର୍ତ୍ତକ ପାଇଁ ଊର୍ଦ୍ଧ୍ୱକୁ ଉତ୍‌ଥିତ ହୁଏ, ଆଉ ସେତିକିବେଳେ ଶିଖା ସ୍ୱର୍ଗ ଆଡ଼କୁ ଉଠିଚାଲେ, କିନ୍ତୁ ତା'ପରେ ସେ ପୂର୍ବାପେକ୍ଷା ଅଧିକ ଶକ୍ତିହୀନ ଓ ଦୁର୍ବଳ ହୋଇ ପଡ଼ିଯାଏ । ଆନ୍ଦୋଳନ ଯେକୌଣସି ପ୍ରକାର ହେଉ ନା କାହିଁକି ଯଦି କେବଳ ଉତ୍ସାହ ଓ ଆକୁଳତା ତାହାର ପ୍ରାଣ, ତେବେ ତାହା ବାଧ ହୋଇ ବ୍ୟର୍ଥ ହେବ, ଯେଉଁ ମାନୁଷୀ ଆଧାରରୁ ତାହାର ଜନ୍ମ, ତାହା ଯଦି ଭଙ୍ଗୁର ଓ ଶକ୍ତିହୀନ ହୁଏ, ତେବେ ସେ ଶୀଘ୍ର ଜଳି ନିଃଶେଷ ହୋଇଯିବ ।

## ଭାରତର ଏକମାତ୍ର ପ୍ରୟୋଜନୀୟ ବସ୍ତୁ – ଶକ୍ତି

ଆମେ ଯେତେ ଗଭୀରଭାବେ ଦେଖୁ, ସେତେହିଁ ଉପଲବ୍ଧି କରୁ ଯେ ଆମର ଯେଉଁ ଏକମାତ୍ର ବସ୍ତୁର ଅଭାବ, ଏବଂ ଯାହାକୁ ସର୍ବପ୍ରଥମେ ଅର୍ଜନ କରିବା ଆବଶ୍ୟକ, ତାହା ହେଉଛି ଶକ୍ତି– ଶାରୀରିକ ଶକ୍ତି, ମାନସିକ ଶକ୍ତି, ନୈତିକ ଶକ୍ତି ଏବଂ ସର୍ବୋପରି ଅଧ୍ୟାତ୍ମ ଶକ୍ତି, ଯାହା ସମସ୍ତ ବସ୍ତୁର ଅନନ୍ତ ଓ ଶାଶ୍ୱତ ଉତ୍ସ । ଯଦି ଆମ୍ଭେମାନେ ଶକ୍ତି ଲାଭ କରୁ ତେବେ ଅନ୍ୟ ସମସ୍ତ ବସ୍ତୁ ସ୍ୱାଭାବିକରୂପେ ଓ ଅନାୟାସରେ ଲାଭ କରିପାରିବୁ । ଶକ୍ତିର ଅଭାବରେ ଆମ୍ଭେମାନେ ଠିକ ସ୍ୱପ୍ନାବିଷ୍ଟ ମନୁଷ୍ୟପରି– ଯାହାର ହାତ ଅଛି କିନ୍ତୁ କିଛି ଧରିପାରେ ନାହିଁ, ଗୋଡ଼ ଅଛି କିନ୍ତୁ ଚାଲିପାରେ ନାହିଁ ।

## ସଙ୍କଳ୍ପଶକ୍ତିରେ ଜରା ଓ ଜୀର୍ଣ୍ଣତାଗ୍ରସ୍ତ ଭାରତର ପୁନର୍ଜନ୍ମ ଆବଶ୍ୟକ

ଆମ୍ଭେମାନେ ଯେତେବେଳେ କିଛି କରିବାକୁ ଯାଉ ସେତେବେଳେ ଦେଖୁ ଯେ ଆମ୍ଭମାନଙ୍କ ପ୍ରଥମ ଉତ୍ସାହର ଅବସାନ ପରେ ଆମ୍ଭେମାନେ ପକ୍ଷାଘାତ ଦ୍ୱାରା ଆକ୍ରାନ୍ତ ହୋଇ ବସିଛୁ । ଅଭିଜ୍ଞ ଓ ବୟସ୍କ ବୃଦ୍ଧମାନଙ୍କ ଜୀବନରେ ଦେଖାଯାଏ ଯେ ସେମାନଙ୍କ ଜ୍ଞାନର ଆଧିକ୍ୟହିଁ ସେମାନଙ୍କର କର୍ମଶକ୍ତି ଓ ଇଚ୍ଛାଶକ୍ତିକୁ ଅଚଳ କରିପକାଏ । ଯେତେବେଳେ କୌଣସି ପ୍ରବଳ ଆବେଗ କିଂବା ମହତ୍ ପ୍ରୟୋଜନ ସେମାନଙ୍କ ପାଖରେ ଆସି ପହଞ୍ଚେ, ଆଉ ସେହି ପ୍ରେରଣାକୁ କାର୍ଯ୍ୟରେ ପରିଣତ କରିବା ଆବଶ୍ୟକ ହୁଏ, ସେତେବେଳେ ସେମାନେ ବିକ୍ଷିପ୍ତମନା ହୋଇପଡ଼ନ୍ତି, ଚିନ୍ତା ଓ ଆଲୋଚନା କରିବସନ୍ତି, ଅଧାଅଧି ଚେଷ୍ଟାକରି ଛାଡ଼ିଦିଅନ୍ତି, ସିଧା ବାଟରେ ନ ଯାଇ ନିରାପଦ ଓ ସହଜ ବାଟରେ ଯିବା ପାଇଁ ଅପେକ୍ଷା କରି ବସନ୍ତି;



ଫଳତଃ ଯେତେବେଳେ ସେହି କାର୍ଯ୍ୟ କରିବା ଆବଶ୍ୟକ ଓ ସମ୍ଭବପର ସେହି ସମୟ ଅତିବାହିତ ହୋଇଯାଏ । ଆମ୍ଭମାନଙ୍କ ଜାତି ଠିକ୍ ଏହିପରି ଏକ ବୃଦ୍ଧଙ୍କ ତୁଲ୍ୟ ଜ୍ଞାନସମୃଦ୍ଧ, ଆଶା ଓ ଅନୁଭୂତିସମର୍ଥ କିନ୍ତୁ ବାର୍ଦ୍ଧକ୍ୟର ଜଡ଼ତା, ଭୀରୁତା ଓ ଦୁର୍ବଳତା ଦ୍ୱାରା ପକ୍ଷଘାତଗ୍ରସ୍ତ । ଭାରତବର୍ଷ ଯଦି ବଞ୍ଚିବାକୁ ଚାହେଁ ତେବେ ତାକୁ ପୁନର୍ବାର ଯୁବକତ୍ୱ ପ୍ରାପ୍ତ ହେବାକୁ ହେବ । ତାହା ମଧ୍ୟରେ ଶକ୍ତିର ଖରପ୍ରବାହିତ ତରଙ୍ଗାୟିତ ବହୁସ୍ରୋତକୁ ଢାଳି ଦେବାକୁ ହେବ । ତାହାର ଅନ୍ତରାତ୍ମା ପୁନଶ୍ଚ ହୋଇଉଠିବ ପୁରାତନର ଅନ୍ତରାତ୍ମା ସଦୃଶ– ବିଶାଳ, ବଳୀୟାନ, ଇଚ୍ଛାନୁସାରେ ଶାନ୍ତ ବା ରୁଦ୍ର, କର୍ମ ଓ ଶକ୍ତିର ଏକ ସାଗର ।

## ଭାରତର ପୁନର୍ଜନ୍ମ ନିଶ୍ଚୟ ସମ୍ଭବ

ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ଅତିମାତ୍ରାରେ ତମୋଗ୍ରସ୍ତ ହୋଇ, ଅନ୍ଧକାର ଓ ଆଳସ୍ୟର ସ୍ଥୂଳ ରାକ୍ଷସ ଦ୍ୱାରା ଆକ୍ରାନ୍ତ ହୋଇ ବର୍ତ୍ତମାନ କହୁଛନ୍ତି– ଏହା ଅସମ୍ଭବ, ଭାରତ ବର୍ତ୍ତମାନ ଜୀର୍ଣ୍ଣଶୀର୍ଣ୍ଣ, ରକ୍ତଶୂନ୍ୟ ଓ ପ୍ରାଣହୀନ ଏବଂ ଅତିମାତ୍ରାରେ ଦୁର୍ବଳ ହେତୁ ଏହାର ପୁନରୁତ୍ଥାନ କଦାପି ସମ୍ଭବ ନୁହେଁ; ଆମ୍ଭମାନଙ୍କ ଜାତିର ଭାଗ୍ୟାଲୋକ ଲୁପ୍ତ । ଏହା ନିର୍ବୋଧ ଓ କର୍ମକୁଣ୍ଠର ବାଣୀ । କୌଣସି ବ୍ୟକ୍ତି ବା ଜାତି ନିଜେ ଇଚ୍ଛା ନ କଲେ ଦୁର୍ବଳ ହୋଇପାରେ ନାହିଁ, ସ୍ୱେଚ୍ଛାରେ ନ ଚାହିଁଲେ କୌଣସି ବ୍ୟକ୍ତି ବା ଜାତିର ମୃତ୍ୟୁ ହୁଏ ନାହିଁ ।

## ଦେଶ ବା ନେଶନ୍ କ’ଣ ?—<br>ତାହା ଲକ୍ଷ ଲକ୍ଷ ଲୋକଙ୍କ ଶକ୍ତି

ଦେଶ ବା ନେଶନ୍ କ’ଣ ? ଆମ୍ଭମାନଙ୍କର ମାତୃଭୂମି କ’ଣ ? ତାହା କେବଳ ଖଣ୍ଡେ ଭୂମି ନୁହେଁ, ଭାଷାର ଏକ ଅଳଙ୍କାର ନୁହେଁ, ମନର କଳ୍ପନା ନୁହେଁ, ତାହା ଏକ ମହାଶକ୍ତି, ଅସଂଖ୍ୟ କ୍ଷୁଦ୍ର କ୍ଷୁଦ୍ର ଯେତେ ବ୍ୟଷ୍ଟି ନେଇ ଦେଶ ଗଠିତ, ସେମାନଙ୍କ ସମସ୍ତଙ୍କର ମିଳିତ ଶକ୍ତି, ଯେପରି ମହିଷମର୍ଦ୍ଦିନୀ ଭବାନୀ ଆବିର୍ଭୂତା ହୋଇଥିଲେ ଏକତାବଦ୍ଧ ଅଗଣିତ ଦେବତାମାନଙ୍କର ଅଭିନ୍ନ ବିଶାଳ ଶକ୍ତି ଓ ସଂହତିରୁ । ଯେଉଁ ଶକ୍ତିକୁ ଆମ୍ଭେମାନେ କହୁ ଭାରତ, ଭବାନୀ, ଭାରତୀ, ତାହା ତ୍ରିଂଶକୋଟି* ଲୋକଙ୍କର ଐକ୍ୟବଦ୍ଧ ଜୀବନ୍ତ ଶକ୍ତି, କିନ୍ତୁ ସେ ନିଷ୍କ୍ରିୟ, ତମସର କୁହୁକ ଘେରାରେ ବନ୍ଦୀ, ତାହାର ସନ୍ତାନମାନଙ୍କ ସ୍ୱକୃତ ଜଡ଼ତା ଓ ଅଜ୍ଞାନତାରେ ଆଚ୍ଛନ୍ନ । ଏହି ତମସକୁ ଦୂର କରିବାକୁ ହେଲେ ଅନ୍ତରର ବ୍ରହ୍ମଙ୍କୁ ଜାଗ୍ରତ କରାଇବାକୁ ହେବ ।

## ଦେଶକୁ ଭାଙ୍ଗିବା କିଂବା ଗଢ଼ିବା ଆମ୍ଭମାନଙ୍କର<br>ନିଜ ସଙ୍କଳ୍ପ ଉପରେ ନିର୍ଭର କରେ

ସହସ୍ର ସହସ୍ର ସନ୍ଥ, ସାଧୁ ଓ ସନ୍ନ୍ୟାସୀ ସେମାନଙ୍କ ଜୀବନକାଳ ମଧ୍ୟରେ ଆମ୍ଭମାନଙ୍କୁ କି ନୀରବ ଶିକ୍ଷା ଦେଇଯାଇଛନ୍ତି ? ଭଗବାନ ରାମକୃଷ୍ଣ ପରମହଂସଙ୍କର ଆଦର୍ଶ ବ୍ୟକ୍ତିତ୍ୱ କେଉଁ ବାଣୀ ପ୍ରଚାର କରିଥିଲେ ? ପୁରୁଷସିଂହ ବିବେକାନନ୍ଦଙ୍କର ଯେଉଁ ଭାଷଣ ଜଗତକୁ କମ୍ପିତ କରିଥିଲା, ତାହାର ମୂଳ କଥା କ’ଣ ? ତାହା ଏହି ଯେ ଆମ୍ଭମାନଙ୍କ ତ୍ରିଂଶକୋଟି ମନୁଷ୍ୟଙ୍କର ସିଂହାସନାଧିରୂଢ଼ ରାଜାଙ୍କଠାରୁ କର୍ମରତ ମଜୁରିଆ ପର୍ଯ୍ୟନ୍ତ,



ସାନ୍ଧ୍ୟ ପୂଜାରେ ନିବିଷ୍ଟ ବ୍ରାହ୍ମଣଠାରୁ ସର୍ବଜନ ଅସ୍ପୃଶ୍ୟ ହରିଜନ ପର୍ଯ୍ୟନ୍ତ ସମସ୍ତଙ୍କ ଅନ୍ତରରେ ଭଗବାନ ବିଦ୍ୟମାନ । ଆମ୍ଭେମାନେ ସମସ୍ତେ ଦେବତା ଓ ସ୍ରଷ୍ଟା, କାରଣ ଭଗବାନଙ୍କର ଶକ୍ତି ଆମ୍ଭମାନଙ୍କ ଭିତରେ ରହିଛି ଏବଂ ପ୍ରତ୍ୟେକ ଜୀବନହିଁ ସୃଷ୍ଟି; ନୂତନ ରୂପ ଗଢ଼ିବାକୁ କେବଳ ସୃଷ୍ଟି କୁହାଯାଏ ନାହିଁ, ସ୍ଥିତି ମଧ୍ୟ ସୃଷ୍ଟି, ଲୟ ମଧ୍ୟ ସୃଷ୍ଟି । କ’ଣ ସୃଷ୍ଟି କରିବାକୁ ହେବ ତାହା ଆମ୍ଭମାନଙ୍କ ଉପରେ ନିର୍ଭର କରେ; ସ୍ୱେଚ୍ଛାରେ ଚାହିଁବାକୁ ହେବ, କାରଣ ଆମ୍ଭେମାନେ ଅଦୃଶ୍ୟ ବା ମାୟାଚାଳିତ ପିତୁଳା ନୋହୁଁ, ନାନାଦିଗରୁ ଆମ୍ଭେମାନେ ପରମାଶକ୍ତିଙ୍କର ଅଭିବ୍ୟକ୍ତ ।

## ଭାରତକୁ ପୁନର୍ଜନ୍ମ ନେବାକୁ ହେବ କାରଣ ବିଶ୍ୱର<br>ଭବିଷ୍ୟତ୍ ତାହାର ପୁନର୍ଜନ୍ମ ଦାବି କରୁଛି

ଭାରତ ଧ୍ୱଂସ ହୋଇ ନ ପାରେ, ଆମମାନଙ୍କ ଜାତି ଲୁପ୍ତ ହୋଇ ନ ପାରେ, କାରଣ ମାନବଗୋଷ୍ଠୀ ମଧ୍ୟରେ କେବଳ ଭାରତ ଉପରେ ନ୍ୟସ୍ତ ରହିଛି ସମଗ୍ର ମାନବଜାତିର ଭବିଷ୍ୟତ ହିତାର୍ଥେ ଏକ ଅପରିହାର୍ଯ୍ୟ ଉଜ୍ଜ୍ୱଳତମ ମହତ୍ତମ ସିଦ୍ଧି । ନିଜ ମଧ୍ୟରୁ ତାହାକୁ ସମସ୍ତ ଜଗତର ଭାବୀଧର୍ମ ତୋଳି ଧରିବାକୁ ହେବ, ସେହି ସନାତନ ଧର୍ମ ଯାହା ସମସ୍ତ ଧର୍ମ, ବିଜ୍ଞାନ ଓ ଦର୍ଶନର ସମନ୍ୱୟସାଧନ ଏବଂ ସମଗ୍ର ମାନବଜାତିକୁ ଏକାତ୍ମ କରେ । ସେହିପରି ନୈତିକ କ୍ଷେତ୍ରରେ ତାହାର ଲକ୍ଷ୍ୟ ହେଲା ମନୁଷ୍ୟ ମଧ୍ୟରୁ ବର୍ବରତା (ମ୍ଳେଚ୍ଛତା) ଦୂର କରିବା, ବିଶ୍ୱକୁ ଆର୍ଯ୍ୟଧର୍ମରେ ଦୀକ୍ଷିତ କରିବା । ଆଉ ଏହା ସମ୍ପନ୍ନ କରିବାକୁ ସର୍ବପ୍ରଥମେ ତାକୁ ପୁନଶ୍ଚ ଆର୍ଯ୍ୟ ଭାବରେ ଗଢ଼ିବାକୁ ହେବ ।

ଏହି ଜାତି ପକ୍ଷରେ ଏହି ବିଶାଳ ଏବଂ ଅତି ବିରାଟ ଓ ଆଶ୍ଚର୍ଯ୍ୟଜନକ କାର୍ଯ୍ୟର ପ୍ରାରମ୍ଭ ନିମିତ୍ତ ଭଗବାନ ରାମକୃଷ୍ଣ ଆବିର୍ଭୂତ

ହୋଇଥିଲେ ଏବଂ ବିବେକାନନ୍ଦ ଏହାହିଁ ପ୍ରଚାର କରିଛନ୍ତି । ଆଉ ଯଦିବା ଏ କ୍ଷେତ୍ରରେ ଆଶାନୁରୂପ ଉନ୍ନତି ହୋଇ ନ ପାରିଛି, ତା'ର କାରଣ ହେଉଛି ଆମେମାନେ ଆମମାନଙ୍କ ଅନ୍ତରାତ୍ମାକୁ ଭୀଷଣ ତମୋମୟ ମେଘ ଦ୍ୱାରା ଆଚ୍ଛାଦିତ କରିପକାଇଛୁ– ଭୟ, ସନ୍ଦେହ, ଦ୍ୱିଧା ଓ ଆଳସ୍ୟ ଦ୍ୱାରା ଭରିଦେଇଛୁ । ଆମମାନଙ୍କ ମଧ୍ୟରୁ କେତେକ ସେହି ଭକ୍ତିକୁ ଗ୍ରହଣ କରିଛୁ ଯାହାକୁ ଜଣେ ଢାଳି ଦେଉଛନ୍ତି, କେତେକ ସେହି ଜ୍ଞାନକୁ ଗ୍ରହଣ କରିଛୁ ଯାହାକୁ ଅନ୍ୟ ଜଣେ ଦାନ କରିଛନ୍ତି, କିନ୍ତୁ ଶକ୍ତି ଅଭାବରେ, କର୍ମ ଅଭାବରେ, ଆମେମାନେ ଆମମାନଙ୍କ ଭକ୍ତିକୁ ଜୀବନ୍ତ କରି ତୋଳିପାରୁ ନାହୁଁ । ତେଣୁ ଆମେମାନେ ଯେପରି ସ୍ମରଣ ରଖୁ ଯେ ଶ୍ରୀରାମକୃଷ୍ଣ ଯେଉଁ ଶକ୍ତିରୂପିଣୀ ମା'ଙ୍କର ଆବାହନ କରିଥିଲେ, ଯାହାଙ୍କ ସଙ୍ଗେ ସେ ଯୁକ୍ତ ହୋଇଥିଲେ, ସେ ହେଉଛନ୍ତି କାଳୀ, ଭବାନୀ ।

କିନ୍ତୁ ବ୍ୟକ୍ତିଗତ ତ୍ରୁଟି ଓ ବିଫଳତା ଯୋଗୁଁ ଭାରତର ନିୟତି ବ୍ୟାହତ ହେବ ନାହିଁ, ମା'ଆ ଚାହାନ୍ତି ଯେ ମାନବ ଜାଗିଉଠିବ, ତାଙ୍କର ପୂଜାନୁଷ୍ଠାନ କରି ତାକୁ ସାର୍ବଜନୀନତାରେ ପରିଣତ କରିବ ।

## ଶକ୍ତିଲାଭ ନିମିତ୍ତ ଶକ୍ତିମୟୀଙ୍କର ଆରାଧନା କରିବାକୁ ହେବ

ଶକ୍ତି, ଆହୁରି ଶକ୍ତି, ଏତଦପେକ୍ଷା ଅଧିକ ଶକ୍ତି–ଆମମାନଙ୍କ ଜାତିର ଏକାନ୍ତ ଆବଶ୍ୟକ । କିନ୍ତୁ ଆମେମାନେ ଯେବେ ଶକ୍ତି ଚାହୁଁ ତେବେ ଶକ୍ତିମୟୀ ଜନନୀଙ୍କର ପୂଜା ନ କଲେ ଆମ୍ଭେମାନେ ତାହା କିପରି ପାଇବୁ ? ସେ ନିଜ ନିମିତ୍ତ ପୂଜା ଚାହାନ୍ତି ନାହିଁ, ସେ ଏହା ଚାହାନ୍ତି ଯାହା ଫଳରେ ଆମମାନଙ୍କୁ ସାହାଯ୍ୟ କରିପାରିବେ, ଆମମାନଙ୍କ ନିକଟରେ ନିଜକୁ ସଂପୂର୍ଣ୍ଣରୂପେ ଦେଇପାରିବେ । ଏହା କେବଳ କୌଣସି କାଳ୍ପନିକ ଧାରଣା



ନୁହେଁ, କୌଣସି କୁସଂସ୍କାର ନୁହେଁ, ବରଂ ବିଶ୍ୱର ସାଧାରଣ ନିୟମ । ଦେବତାମାନଙ୍କଠାରୁ ବିନା ପ୍ରାର୍ଥନାରେ କିଛି ପାଇ ହୁଏ ନାହିଁ– ଯଦିବା ସେମାନେ ଦେବାକୁ ଚାହାନ୍ତି । ଏପରିକି ପରମପୁରୁଷ ମଧ୍ୟ ହଠାତ୍ ମନୁଷ୍ୟ ନିକଟରେ ଆବିର୍ଭୂତ ହୁଅନ୍ତି ନାହିଁ । ପ୍ରତ୍ୟେକ ଭକ୍ତ ନିଜର ଅନୁଭୂତି ଦ୍ୱାରା ଜାଣନ୍ତି ଯେ ଆମମାନଙ୍କୁ ପ୍ରଥମେ ତାଙ୍କ ଆଡ଼କୁ ଢଳିବାକୁ ହୁଏ ତାଙ୍କୁ ଚାହିଁବାକୁ ହୁଏ, ଉପାସନା କରିବାକୁ ହୁଏ, ତା'ପରେ ଦିବ୍ୟଶକ୍ତି ତାଙ୍କର ଅନିର୍ବଚନୀୟ ସୌନ୍ଦର୍ଯ୍ୟ ଓ ଆନନ୍ଦକୁ ଜୀବ ମଧ୍ୟରେ ଢାଳି ଦିଅନ୍ତି । ଯାହା ପରମସତ୍ତାଙ୍କ ନିମିତ୍ତ ସତ୍ୟ, ତାହା ତାଙ୍କଠାରୁ ଉଦ୍ଭୂତ ଶକ୍ତିଙ୍କ ନିମିତ୍ତ ମଧ୍ୟ ସତ୍ୟ ।

## ସତ୍ୟପଥ–ଧର୍ମ

ଯେଉଁମାନେ ପାଶ୍ଚାତ୍ୟ ଭାବଧାରା ଦ୍ୱାରା କବଳିତ, ଯେଉଁମାନେ ଶକ୍ତିର ଏହି ପୁରାତନ ଉତ୍ସକୁ ସନ୍ଦେହଦୃଷ୍ଟିରେ ଦେଖନ୍ତି, ସେମାନେ ନିମ୍ନରେ ପ୍ରଦତ୍ତ କେତୋଟି ଅକାଟ୍ୟ ବାସ୍ତବ ସତ୍ୟର ବିଚାର କରିପାରନ୍ତି ।

## ୧. ଜାପାନର ଦୃଷ୍ଟାନ୍ତ

ଆଧୁନିକ ଜାପାନ ବ୍ୟତୀତ ଅନ୍ୟ କୌଣସି ଦେଶରେ ଶକ୍ତିର ଏପରି ବିସ୍ମୟକର ଓ ଆକସ୍ମିକ ଉତ୍‌ଥାନର ଦୃଷ୍ଟାନ୍ତ ଦେଖାଯାଏ ନାହିଁ । ଏହି ଅଭ୍ୟୁତ୍‌ଥାନ ସମ୍ବନ୍ଧରେ ନାନା ପ୍ରକାର ମତବାଦର ସୃଷ୍ଟି ହୋଇଛି, କିନ୍ତୁ ଜାପାନର ମହାପୁରୁଷଗଣ ବର୍ତ୍ତମାନ ଘୋଷଣା କରୁଛନ୍ତି ସେମାନଙ୍କର ମହାଜାଗରଣର ଉତ୍ସ କେଉଁଠି, ସେମାନଙ୍କର ଅଫୁରନ୍ତ ଶକ୍ତିର ପ୍ରାରମ୍ଭ କେଉଁଠାରୁ । ସେହିସବୁର ଉତ୍ସ ଧର୍ମ । ଏହା ମୂଳରେ ଥିଲା ଓଇୟୋମି

(Oyomei)ଙ୍କର ବୈଦାନ୍ତିକ ଶିକ୍ଷା, ଶିଣ୍ଟୋଧର୍ମର ପୁନରୁତ୍‌ଥାନ ଏବଂ ଜାତୀୟ ଶକ୍ତିର ଜୀବନ୍ତ ବିଗ୍ରହରୂପେ ମିକାଡ଼ୋ (Mikado)ଙ୍କର ପୂଜା– ଯାହା ଫଳରେ ଏହି କ୍ଷୁଦ୍ର ଦ୍ୱୀପ-ସାମ୍ରାଜ୍ୟଟି ପାଶ୍ଚାତ୍ୟ ଜ୍ଞାନବିଜ୍ଞାନର ସେହି ମାରାତ୍ମକ ଅସ୍ତ୍ରସମୂହକୁ ବ୍ୟବହାର କରିବାକୁ ସମର୍ଥ ହୋଇପାରିଥିଲା, ଠିକ୍ ଯେପରି ଅର୍ଜୁନ ଅନାୟାସରେ ଏବଂ ନିଶ୍ଚିତ ଭାବରେ ତାଙ୍କର ଗାଣ୍ଡିବ ଧନୁରେ ଶରଯୋଜନା କରିଥିଲେ ।

## ୨. ଭାରତର ଆଧ୍ୟାତ୍ମିକ ଜାଗରଣର ବୃହତ୍ତର ପ୍ରୟୋଜନ

ଧର୍ମ-ଉତ୍ସରୁ ଶକ୍ତି ସଂଗ୍ରହ କରିବା ଜାପାନ ଅପେକ୍ଷା ଭାରତ ପକ୍ଷରେ ବେଶୀ ପ୍ରୟୋଜନ, କାରଣ ଜାପାନୀମାନଙ୍କର ପୂର୍ବେ ଯେଉଁ ଶକ୍ତି ଥିଲା କେବଳ ସେହି ଶକ୍ତିକୁହିଁ ସେମାନଙ୍କୁ ପୁନରୁଜ୍ଜୀବିତ ଓ ପରିପୂର୍ଣ୍ଣ କରିବାକୁ ହୋଇଥିଲା । କିନ୍ତୁ ଯେଉଁଠି ପୂର୍ବରୁ ଆଦୌ ଶକ୍ତି ନ ଥିଲା, ସେହିଠାରେହିଁ ଆମମାନଙ୍କୁ ଶକ୍ତି ସୃଷ୍ଟି କରିବାକୁ ହେବ, ଆମମାନଙ୍କ ସ୍ୱଭାବର ପରିବର୍ତ୍ତନ କରିବାକୁ ହେବ । ଆଉ ଏଥିପାଇଁ କୌଣସି ବୈଜ୍ଞାନିକ ପ୍ରକ୍ରିୟା ନାହିଁ, କୌଣସି ଯନ୍ତ୍ରପାତି ମଧ୍ୟ ନାହିଁ । ଅଧ୍ୟାତ୍ମସତ୍ତାର ଆଭ୍ୟନ୍ତରୀଣ ଅକ୍ଷୟ ଭଣ୍ଡାରରୁ ଏବଂ ଭଗବାନଙ୍କ ସେହି ଆଦ୍ୟାଶକ୍ତି, ଯାହା ସମସ୍ତ ନବସୃଷ୍ଟିର ଉତ୍ସ, ତହିଁରୁହିଁ ସଞ୍ଚୟ କରି ଶକ୍ତି ସୃଷ୍ଟି କରାଯାଇପାରେ । ପୁନର୍ଜନ୍ମ ଲାଭ କରିବାର ଅର୍ଥ ଅନ୍ତରସ୍ଥ ବ୍ରହ୍ମଙ୍କୁ ଜାଗରିତ କରିବା ବ୍ୟତୀତ ଅନ୍ୟକିଛି ନୁହେଁ, ଆଉ ତାହା ହେଲା ଏକ ଆଧ୍ୟାତ୍ମିକ ପଦ୍ଧତି– କୌଣସି ଶାରୀରିକ ବା ମାନସିକ ପ୍ରକ୍ରିୟା ଦ୍ୱାରା ତାହା ସମ୍ଭବପର ନୁହେଁ ।



## ୩. ଧର୍ମହିଁ ଜାତୀୟ ମନର ସ୍ୱାଭାବିକ ପଥ

ଭାରତର ସମସ୍ତ ମହାଜାଗରଣ, ତାହାର ସର୍ବାପେକ୍ଷା ଶକ୍ତିଶାଳୀ, ସର୍ବାପେକ୍ଷା ବୈଚିତ୍ର୍ୟମୟ ସାମର୍ଥ୍ୟର ଯୁଗସକଳ କୌଣସି ନା କୌଣସି ଧର୍ମାଶ୍ରିତ ମହାଜାଗରଣର ଉତ୍ସରୁ ସ୍ୱୀୟ ପ୍ରାଣଶକ୍ତି ଆହରଣ କରିଛି । ଯେଉଁଠାରେ ଏହି ଧର୍ମପ୍ରତିଷ୍ଠିତ ଜାଗରଣ ପୂର୍ଣ୍ଣାଙ୍ଗ ଓ ମହାନ ହୋଇଛି, ସେଠାରେ ଯେଉଁ ଜାତୀୟ ଶକ୍ତିର ସୃଷ୍ଟି ହୋଇଛି, ତାହା ଅତି ବିଶାଳ ଓ ପ୍ରବଳ । ଯେଉଁଠାରେ ଧର୍ମପ୍ରତିଷ୍ଠିତ ଜାଗରଣ ସଂକୀର୍ଣ୍ଣ ଅସଂପୂର୍ଣ୍ଣ ହୋଇଛି, ସେଠାରେ ଜାତୀୟ ଆନ୍ଦୋଳନ ହୋଇଛି ଦୁର୍ବଳ, ଅସଂପୂର୍ଣ୍ଣ ଓ କ୍ଷଣସ୍ଥାୟୀ । ଏହିପରି ପୁନଃପୁନଃ ଘଟୁଥିବାରୁ ଏହାହିଁ ପ୍ରମାଣିତ ହେଉଛି ଯେ ଧର୍ମହିଁ ଜାତିର ଅସ୍ଥିମଜ୍ଜାଗତ ହୋଇଛି । ଯଦି ଆମ୍ଭେମାନେ ଅନ୍ୟାନ୍ୟ ପଦ୍ଧତି ବା ବିଜାତୀୟ ଉପାୟ ଅବଲମ୍ବନ କରୁ, ତାହାହେଲେ ଆମେମାନେ ଆମମାନଙ୍କ ଲକ୍ଷ୍ୟରେ ଅତି ବିରକ୍ତିକର ଭାବେ, ନାନା ଦୁଃଖ-ଯନ୍ତ୍ରଣା ମଧ୍ୟରେ ମନ୍ଥର ଗତିରେ ଓ ଆଂଶିକରୂପେ ପହଞ୍ଚିବୁ, କିଂବା ଆମେମାନେ ଆଦୌ ଏହି ଲକ୍ଷ୍ୟରେ ପହଞ୍ଚି ପାରିବୁ ନାହିଁ । ଭଗବାନ ଏବଂ ମାଆ ତୁମମାନଙ୍କ ନିମିତ୍ତ ଯେଉଁ ପଥ ନିର୍ଦ୍ଦେଶ କରିଛନ୍ତି, ତାହା ବର୍ଜନ କରି, ନିଜ ସୃଷ୍ଟ ଗୋଟିଏ ଅସ୍ୱଚ୍ଛ, କୁଟିଳ ପଥ କାହିଁକି ବିରଣ କରିବ ?

## ୪. ଅନ୍ତରାତ୍ମାହିଁ ଶକ୍ତିର ଯଥାର୍ଥ ଉତ୍ସ

ଅନ୍ତରର ବ୍ରହ୍ମରୁ– ଅଧ୍ୟାତ୍ମ ବଳର ଏକ ଅଦ୍ୱିତୀୟ ଶକ୍ତି-ସମୁଦ୍ର ମଧ୍ୟରୁ ସମସ୍ତ ଜୀବନ,– ଜାଗତିକ ଓ ମାନସିକ– ଉତ୍ସାରିତ ହୋଇଛି । ପ୍ରାଚୀନ କାଳରେ ପ୍ରାଚ୍ୟରେ ଯେପରି, ବର୍ତ୍ତମାନ ପ୍ରତୀଚୀରେ ମଧ୍ୟ ସେହିପରି ଜ୍ଞାନୀ ବ୍ୟକ୍ତି ଅଛନ୍ତି ଯେଉଁମାନେ ଏହି ତତ୍ତ୍ୱଟିକୁ ସ୍ୱୀକାର କରିବାକୁ ଆରମ୍ଭ

କରିଛନ୍ତି । ଯଦି ଏହାହିଁ ସତ୍ୟ ହୁଏ, ତେବେ ଆଧ୍ୟାତ୍ମିକ ବଳହିଁ ଅନ୍ୟ ସକଳ ଶକ୍ତିର ଉତ୍ସ । ଏଠାରେହିଁ ଅତଳ ଉତ୍ସ, ଗଭୀର ଓ ଅଫୁରନ୍ତ ଧାରାସକଳ । ଉପରିସ୍ଥ ଅଗଭୀର ଜଳସ୍ରୋତ ଓ ନିର୍ଝରିଣୀ ସହଜଲଭ୍ୟ, କିନ୍ତୁ ସେସବୁ ଶୀଘ୍ର ଶୁଷ୍କ ହୋଇଯାଏ । କେବଳ ଉପରିଭାଗକୁ ଖୋଳାଖୋଳି ନ କରି ଗଭୀରରେ ପ୍ରବେଶ କଲେ କ୍ଷତି କ'ଣ ? ପରିଶ୍ରମର ଫଳ ନିଶ୍ଚୟ ମିଳିବ ।

## ତିନୋଟି ବସ୍ତୁର ପ୍ରୟୋଜନ

ତିନୋଟି ମୂଳଗତ ବିଧାନାନୁଯାୟୀ ତିନୋଟି ବସ୍ତୁର ଆବଶ୍ୟକ ।

## ୧. ଭକ୍ତି– ମା'ଙ୍କର ମନ୍ଦିର

ଶକ୍ତିରୂପିଣୀ ଜନନୀଙ୍କର ପୂଜା ନ କଲେ ଆମ୍ଭେମାନେ ଶକ୍ତି ପ୍ରାପ୍ତ ହେବୁ ନାହିଁ ।

ସେଥିପାଇଁ ଆମେମାନେ ମନ୍ଦିର ଗଢ଼ିତୋଳିବୁ– ଶ୍ୱେତଭୂଜା ଭବାନୀ, ଶକ୍ତିରୂପିଣୀ ଜନନୀ, ଭାରତମାତାଙ୍କ ନିମିତ୍ତ; ସେହି ମନ୍ଦିର ଗଢ଼ିତୋଳିବୁ ବିଷସ୍ୱରୂପ ଆଧୁନିକ ସହରମାଳାର ସଂସର୍ଗର ଦୂରରେ, ଜନପଦଚିହ୍ନମୁକ୍ତ ନିର୍ଜନରେ, ଶାନ୍ତ ସାମର୍ଥ୍ୟର ଗର୍ଭରେ ନିହିତ ଉଚ୍ଚାକାଶର ପବିତ୍ରତା ମଧ୍ୟରେ । ଏହି ମନ୍ଦିରକୁ କେନ୍ଦ୍ର କରି ମା'ଙ୍କର ପୂଜା ସମଗ୍ର ଦେଶରେ ବ୍ୟାପ୍ତ ହୋଇଯିବ । ଆଉ ଯେହେତୁ ସେ ପର୍ବତକୋଳରେ ପୂଜିତ ହେବେ, ସେଥିପାଇଁ ଅଗ୍ନିତୁଲ୍ୟ ସେ ତାଙ୍କର ଭକ୍ତଗଣଙ୍କର ହୃଦୟ ଓ ମସ୍ତିଷ୍କରେ ପ୍ରବେଶ କରିବେ । ଏହାହିଁ ମଧ୍ୟ ମା'ଙ୍କର ଆଦେଶ ।



## ୨. କର୍ମ– ନୂତନ ବ୍ରହ୍ମଚାରୀ ସଂଘ

ଯେଉଁ ଭକ୍ତି କର୍ମ ଉପରେ ପ୍ରତିଷ୍ଠିତ ନୁହେଁ, ତାହା ମୃତ, ନିରର୍ଥକ ।

ସେଥିପାଇଁ ସେହି ମନ୍ଦିର ସଂଲଗ୍ନରେ ଆମ୍ଭମାନଙ୍କୁ କର୍ମଯୋଗୀମାନଙ୍କ ନିମିତ୍ତ– ଯେଉଁମାନେ ମା'ଙ୍କ ନିମିତ୍ତ କାର୍ଯ୍ୟ କରିବେ ବୋଲି ସର୍ବସ୍ୱ ବର୍ଜନ କରିଛନ୍ତି, ସେମାନଙ୍କ ନିମିତ୍ତ ଏକ ମଠ ତିଆରି କରିବାକୁ ହେବ । ଯେଉଁମାନେ ଇଚ୍ଛା କରିବେ ସେମାନେ ଏଠାରେ ପୂର୍ଣ୍ଣରୂପେ ସନ୍ନ୍ୟାସୀ ହୋଇ ରହିପାରିବେ । କିଛି, ଅଧିକାଂଶହିଁ ହେବେ ବ୍ରହ୍ମଚାରୀ– ଯେଉଁମାନେ ସେମାନଙ୍କ ନିର୍ଦ୍ଦିଷ୍ଟ କର୍ମ ଶେଷ କରି ଗୃହସ୍ଥାଶ୍ରମକୁ ଫେରିଯିବେ । ତେବେ ସକଳଙ୍କୁ ନିଷ୍କାମ ତ୍ୟାଗୀ ହେବାକୁହିଁ ହେବ ।

### କାହିଁକି ? ଦୁଇଟି କାରଣରୁ

(୧) ଯେତେ ପରିମାଣରେ ଆମ୍ଭେମାନେ ଶାରୀରିକ ବାସନା ଓ ଆସକ୍ତି ମଧ୍ୟରୁ ମୁକ୍ତ ହେଉ, କାମ, ଲୋଭ, ମୋହ ଓ ସ୍ଥୂଳ ଭୌତିକ ଭୋଗ-ତୃପ୍ତି ଓ ଜାଗତିକ ତାମସିକତାରୁ ମୁକ୍ତ ହେଉ, ସେତେହିଁ ଆମ୍ଭେମାନେ ଆମ୍ଭମାନଙ୍କର ଅନ୍ତରସ୍ଥ ଆଧ୍ୟାତ୍ମିକ ଶକ୍ତି-ସମୁଦ୍ର ମଧ୍ୟକୁ ଫେରିଯାଉ ।

(୨) କାରଣ, ଶକ୍ତିବୃଦ୍ଧି ନିମିତ୍ତ ପ୍ରୟୋଜନ ପରିପୂର୍ଣ୍ଣ ଏକାଗ୍ରତା; ମନକୁ ଏକ ବର୍ଚ୍ଛାତୁଲ୍ୟ ତା'ର ଲକ୍ଷ୍ୟ ଉପରେ ସଂପୂର୍ଣ୍ଣ ଭାବେ ତଦ୍‌ଗତ ହେବାକୁ ହେବ; ଅନ୍ୟ ଚିନ୍ତା, ଅନ୍ୟ ଇଚ୍ଛା ଯଦି ମନକୁ ବିକ୍ଷିପ୍ତ କରେ, ତେବେ ବର୍ଚ୍ଛା ଯେପରି ଲକ୍ଷ୍ୟଭ୍ରଷ୍ଟ ହୁଏ ସେହିପରି ତାହା ପଥଭ୍ରଷ୍ଟ ଓ ଲକ୍ଷ୍ୟଚ୍ୟୁତ ହେବ । ଆମ୍ଭେମାନେ ଏପରି କେତେଜଣ ଲୋକଙ୍କୁ ନେଇ ଏକ ମୂଳକେନ୍ଦ୍ର ଗଢ଼ିବାକୁ ଚାହୁଁ, ଯେଉଁମାନଙ୍କ ମଧ୍ୟରେ ଏହି ଶକ୍ତି ଚରମ ପୂର୍ଣ୍ଣତା

ଲାଭ କରିବ; ବ୍ୟକ୍ତିସତ୍ତାର ପ୍ରତ୍ୟେକ ଅଙ୍ଗକୁ ଭରପୂର କରି ତା'ର କୂଳ ପରିପ୍ଲାବିତ କରିବ ଓ ସମଗ୍ର ପୃଥିବୀକୁ ଉର୍ବର କରିବ । ଏହିମାନେ ହୃଦୟରେ ଓ ମସ୍ତିଷ୍କରେ ଅଗ୍ନିଧାରଣ କରି, ଆମ୍ଭମାନଙ୍କ ଦେଶର ପ୍ରତ୍ୟେକ ଗଳିକନ୍ଦିରେ, ଦୂରଦୂରାନ୍ତରେ ବିଚରଣ କରି ଚତୁର୍ଦ୍ଦିଗରେ ଅଗ୍ନିଶିଖା ବିସ୍ତାର କରିବେ ।

## ୩. ଜ୍ଞାନ—ମହାବାଣୀ

ଜ୍ଞାନ ଉପରେ ପ୍ରତିଷ୍ଠିତ ନ ହେଲେ ଭକ୍ତି ଓ କର୍ମ ପୂର୍ଣ୍ଣାଙ୍ଗ ଓ ସ୍ଥାୟୀ ହୁଏ ନାହିଁ ।

ମଠର ବ୍ରହ୍ମଚାରୀଗଣ ତାଙ୍କର ଅନ୍ତରାତ୍ମାକୁ ଜ୍ଞାନରେ ପୂର୍ଣ୍ଣ କରିବେ, ଅଥଚ ଅଚଳ ପାହାଡ଼ ତୁଲ୍ୟ ତାହାକୁହିଁ କର୍ମର ଭିତ୍ତି କରିବେ । ତେବେ ସେମାନଙ୍କର ଜ୍ଞାନର ମୂଳଭିତ୍ତି କ'ଣ ହେବ ? ସେହି ଭିତ୍ତି ହେବ ବେଦାନ୍ତର ମହାମନ୍ତ୍ର ଉଦାତ୍ତ ସେହି 'ସୋଽହଂ' ସେହି ସନାତନ ଶିକ୍ଷା ଯାହା ଏବେ ବି ଜାତିର ହୃଦୟରେ ପ୍ରବେଶ କରି ନାହିଁ, ସେହି ଜ୍ଞାନ ଯାହା କର୍ମ ଓ ଭକ୍ତି ଦ୍ୱାରା ଅନୁପ୍ରାଣିତ ହୋଇ ମନୁଷ୍ୟକୁ ଦୁର୍ବଳତାରୁ ମୁକ୍ତ କରେ ।

## ମା'ଙ୍କ ବାଣୀ

ତୁମ୍ଭେମାନେ ପଚାରୁଛ, ମା' ଭବାନୀ କିଏ ? ସେ ନିଜେହିଁ ତା'ର ଉତ୍ତର ଦେଇଛନ୍ତି, ''ବିଶ୍ୱରେ ଓ ତୁମ୍ଭମାନଙ୍କ ମଧ୍ୟରେ ଯେ ଶାଶ୍ୱତ, ତାହା ମଧ୍ୟରୁ ଉଦ୍‌ଭୂତ ଅନନ୍ତ ଶକ୍ତି ମୁଁହିଁ । ମୁଁ ବିଶ୍ୱଜନନୀ, ସର୍ବଲୋକର ମାତା, ଆଉ ତୁମ୍ଭମାନଙ୍କ ପାଖରେ— ଯେଉଁମାନେ କି ଏହି ପୁଣ୍ୟସ୍ଥାନ ଆର୍ଯ୍ୟଭୂମିର ମୃତ୍ତିକା ଦ୍ୱାରା ଗଠିତ, ସୂର୍ଯ୍ୟାଲୋକ ଓ ବାୟୁରେ ପୁଷ୍ଟ— ମୁଁ ଭବାନୀ, ଭାରତୀ, ଭାରତମାତା ।

ଆଉ ତୁମ୍ଭେମାନେ ପଚାରୁଛ, ''ଭଗବାନଙ୍କ ସକାଶେ, ମା'ଙ୍କ ସକାଶେ କାହିଁକି ମନ୍ଦିର ତିଆରି କରିବୁ ?'' ଏହାର ଉତ୍ତର ସେ ନିଜେ ଦେଇଛନ୍ତି, ''କାରଣ ତାହାହିଁ ମୋର ଆଦେଶ, କାରଣ ଭବିଷ୍ୟତ ଧର୍ମ ସକାଶେ କେନ୍ଦ୍ର ପ୍ରତିଷ୍ଠା କରି, ଭବାନଙ୍କ ଆଶୁ ଇଚ୍ଛା ପାଳନ କରି ପୁଣ୍ୟ ଅର୍ଜନ କଲେ, ଏହି ଜନ୍ମ ସଫଳ ହେବ ଏବଂ ପରଜନ୍ମ ମହାନ ହେବ, ଏହିପରିଭାବେ ଗୋଟିଏ ଦେଶ ସୃଷ୍ଟି କରିବାରେ, ଜଗତକୁ ଧର୍ମାଶୟୀ କରିବାରେ ସାହାଯ୍ୟ କରାହେବ । ସେ ଦେଶ ତୁମ୍ଭମାନଙ୍କର ନିଜର, ସେ ଯୁଗ ତୁମ୍ଭମାନଙ୍କର ଏବଂ ତୁମ୍ଭମାନଙ୍କର ସନ୍ତାନମାନଙ୍କର; ସେ ଜଗତ ଗିରିସାଗରବେଷ୍ଟିତ ଭୂମିଖଣ୍ଡ ମାତ୍ର ନୁହେଁ, କୋଟି କୋଟି ଲୋକପୂର୍ଣ୍ଣ ସମଗ୍ର ପୃଥିବୀ ।''

ତେବେ ଆସ, ମା'ଙ୍କର ଡାକ ଶୁଣ । ସେ ଆମ୍ଭମାନଙ୍କ ଅନ୍ତରରେ ରହିଛନ୍ତି— ବର୍ତ୍ତମାନ ନିଜକୁ ପ୍ରକାଶ କରିବାକୁ ଉତ୍ସୁକ, ପୂଜା ଗ୍ରହଣ କରିବାକୁ ଇଚ୍ଛୁକ,— ତେବେ ନିଷ୍କ୍ରିୟ, କାରଣ ଆମ୍ଭମାନଙ୍କ ଅନ୍ତରସ୍ଥ ଭଗବାନ ତମଃ ଦ୍ୱାରା ଆବୃତ, ଏ ନିଷ୍କ୍ରିୟତା ଦ୍ୱାରା ମାଆ ନିଜେହିଁ ବିବ୍ରତ, ସେ ନିଜେହିଁ ଦୁଃଖିତ କାରଣ ତାଙ୍କର ସନ୍ତାନଗଣ ତାଙ୍କର ସାହାଯ୍ୟ ନିମିତ୍ତ ତାଙ୍କୁ ଡାକି ନାହାନ୍ତି । ତେବେ, ତୁମ୍ଭେମାନେ ଯେଉଁମାନେ ଅନ୍ତରରେ ତାଙ୍କର ଆହ୍ୱାନ

ଶୁଣିପାରିଛ, ତୁମର ଅହଂଗତ ପର୍ଦାଖଣ୍ଡି ଦୂରକୁ ଫୋପାଡ଼ି ଦିଅ, ଆଳସ୍ୟର କାରା-ପ୍ରାଚୀର ଚୂର୍ଣ୍ଣ କର, ସ୍ୱତଃ ପ୍ରେରଣା ବଶରେ— କାୟମନୋବାକ୍ୟରେ ଧନ ଦ୍ୱାରା, ଅର୍ଚ୍ଚନା ଦ୍ୱାରା, ପୂଜା ଦ୍ୱାରା, ପ୍ରତ୍ୟେକେ ନିଜ ନିଜର ସାମର୍ଥ୍ୟ ଅନୁସାରେ, ଯେ ଯେତିକି ପାରିବ, ସେତିକି ମା'ଙ୍କର ସେବା କର । ଦୂରକୁ ଅପସରି ଯାଅ ନାହିଁ । କାରଣ ଯେଉଁମାନେ ତାଙ୍କର ଡାକ ଶୁଣି ତାହିଁରେ କର୍ଣ୍ଣପାତ କରନ୍ତି ନାହିଁ, ସେମାନେ ମା'ଙ୍କର ଆବିର୍ଭାବ ଦିବସରେ ତାଙ୍କର ରୁଦ୍ରମୁଖ ଦର୍ଶନ କରିବାହିଁ ଖୁବ୍ ସମ୍ଭବ, କିନ୍ତୁ ଯେଉଁମାନେ ତାଙ୍କର ଆଗମନର ପଥ ଟିକିଏ ମାତ୍ର ସୁଗମ କରିଦିଅନ୍ତି, ସେମାନଙ୍କ ସମ୍ମୁଖରେ ମାଆ ଜ୍ୟୋତିରୁଦ୍ଭାସିତ ସୁନ୍ଦର ସସ୍ମିତ ବଦନରେ ଆବିର୍ଭୂତା ହୁଅନ୍ତି ।

# ଭବାନୀମନ୍ଦିର

## ଶ୍ରୀଅରବିନ୍ଦ

ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ
ପଣ୍ଡିଚେରୀ - ୬୦୫୦୦୨

# ଭବାନୀମନ୍ଦିର

ଶ୍ରୀଅରବିନ୍ଦଙ୍କ ଇଂରାଜୀ ଲିଖିତ '**Bhavani Mandir**'
ପୁସ୍ତିକାର ଓଡ଼ିଆ ଅନୁବାଦ ।

ଅନୁବାଦ : ଶ୍ରୀ ପ୍ରପତ୍ତି

ପ୍ରଥମ ସଂସ୍କରଣ : ଅଗଷ୍ଟ ୧୯୬୨
ନୂତନ ମୁଦ୍ରଣ : ୨୦୦୮

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ୧୯୬୨

ପ୍ରକାଶକ :
ନବଜ୍ୟୋତି କାର୍ଯ୍ୟାଳୟ
ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ, ପଣ୍ଡିଚେରୀ - ୬୦୫ ୦୦୨

**Bhavani Mandir** (Oriya)
by Sri Aurobindo

First Edition : 1962; New Impression : 2008

Translator : Sri Prapatti

Price Rs. 10/-

© Sri Aurobindo Ashram Trust 1962

Published by Navajyoti Karyalaya
A unit of Sri Aurobindo Ashram Publication Department
Pondicherry - 605002

Printed at Sri Aurobindo Ashram Press, Pondicherry
PRINTED IN INDIA

ବଙ୍ଗ-ଭଙ୍ଗ ଆନ୍ଦୋଳନ ତଥା ବୃହତ୍ତର ଭାରତୀୟ ରାଜନୀତିରେ ପ୍ରତ୍ୟକ୍ଷରୂପେ ୧୯୦୬ ମସିହାରେ ଯୋଗଦାନ ପୂର୍ବରୁ ୧୯୦୫ ମସିହାରେ ବରୋଦାରେ ଶ୍ରୀଅରବିନ୍ଦ ଏହି ଅତି ତାତ୍ପର୍ଯ୍ୟପୂର୍ଣ୍ଣ ବିଖ୍ୟାତ ପ୍ରବନ୍ଧଟି ଇରେଜୀରେ ରଚନା କରିଥିଲେ । ପ୍ରକୃତରେ ଏହା ଥିଲା ''ଭବାନୀମନ୍ଦିର'' ଯୋଜନା ଏବଂ ଏହାକୁ କାର୍ଯ୍ୟକାରୀ କରି ଶ୍ରୀଅରବିନ୍ଦ ସମଗ୍ର ଦେଶ ଓ ଜାତିକୁ ପୁନରୁଜ୍ଜୀବିତ ଓ ପୁନର୍ଗଠିତ କରିବାକୁ ଚାହିଁଲେ । ଏହି ପ୍ରବନ୍ଧରେ ଶ୍ରୀଅରବିନ୍ଦ ଭରତମାତାଙ୍କ ସ୍ୱରୂପ, ଦେଶ, ଜାତି ଓ ସମଷ୍ଟିର ଅର୍ଥ କ'ଣ ଏବଂ ଭାରତର ଅଭ୍ୟୁତ୍ଥାନର ପ୍ରକୃତ ମର୍ମ କ'ଣ ତାହା ମନ୍ତ୍ରବତ୍ ନିର୍ଦ୍ଦେଶ କରିଛନ୍ତି । ''ଭବାନୀମନ୍ଦିର''ର ଅନ୍ୟ ରୂପ ହେଲା ''ବନ୍ଦେ ମାତରମ'' ଆନ୍ଦୋଳନ । ଆଉ ଶେଷୋକ୍ତ ଆନ୍ଦୋଳନରେ ରାଷ୍ଟ୍ରନୀତି ଓ ଜାତୀୟତା ଏକ ସୁଦୃଢ଼ ଆଧ୍ୟାତ୍ମିକ ଶକ୍ତି ଉପରେ ପ୍ରତିଷ୍ଠିତ ହୋଇଥିଲା । ଦୀର୍ଘ ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ବ୍ୟତୀତ ହୋଇଥିଲେ ମଧ୍ୟ ଶ୍ରୀଅରବିନ୍ଦଙ୍କ ଏହି ଐତିହାସିକ ପ୍ରବନ୍ଧକୁ ସମାହିତ ଚିତ୍ତରେ ପାଠ କଲେ ମନରେ ଶକ୍ତିସଞ୍ଚାର ହେବା ସଙ୍ଗେ ସଙ୍ଗେ ଭାରତର ଏକ ଉଜ୍ଜ୍ୱଳ ଭବିଷ୍ୟତ୍ ସୁସ୍ପଷ୍ଟ ହୋଇଉଠେ ।

— ପ୍ରକାଶକ